# Akashvani, Sambalpur

## SAMBALPURI NEWS EVENING BULLETIN

## 14 May 2025- 7.02 pm- 7.12 pm.

******************************************

୧- ଦେଶର୍ ୫୨ ତମ ପ୍ରଧାନ୍ ବିଚାର୍‌ପତି ଭାବେ ଶପଥ୍ ନେଲେ ଜଷ୍ଟିସ୍ ଭୂଷଣ୍ ରାମକୃଷ୍ଣ ଗବାଇ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଛେ ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ - ୬ ଟା ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

୩- ଛତିଶଗଡ୍- ତେଲେଙ୍ଗାନା ସୀମ୍‌ନା ନ ସୁରକ୍ଷା ବାହିନୀ ସାଙ୍ଗେ ଗୁଲିମରାମରିଥି ୩୧ ଝନ୍ ନକ୍ସଲ୍‌ଙ୍କର୍ ମୃତ୍ୟୁ ।

ଆଉର୍

୪- ଅପରେସନ୍ ସିନ୍ଦୁର୍‌ର ସଫଲତା ଉତ୍‌ରୁ ଭୁବ୍‌ନେଶ୍ୱର୍ ଠାନେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ହେଲା ମୁଲ୍ ।

ଜଷ୍ଟିସ୍ ଭୂଷଣ୍ ରାମକୃଷ୍ଣ ଗବାଇ ଏନ୍‌ଏସ୍‌ଡି

ଜଷ୍ଟିସ୍ ଭୂଷଣ୍ ରାମକୃଷ୍ଣ ଗବାଇ ଆଏଜ୍ ଦେଶର୍ ୫୨ ତମ ପ୍ରଧାନ୍ ବିଚାର୍‌ପତି ଭାବେ ଶପଥ୍ ନେଇଛନ୍ । ରାଷ୍ଟ୍ରପତି ଭବନ୍ ନ ଆୟୋଜିତ୍ ଶପଥ୍ ସମାରୋହଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ତାଙ୍କୁ ଶପଥ୍ ପାଠ୍ କରେଇଛନ୍ । ଆଏବା ନଭେମ୍ବର୍ ୨୪ ତାରିଖ୍‌ତକ୍ ଜଷ୍ଟିସ୍ ଗବାଇ ପ୍ରଧାନ୍ ବିଚାର୍‌ପତି ଦାୟିତ୍ୱଥି ରହେବେ । ଶପଥ୍ ସମାରୋହଥି ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ଆଉ ସୁପ୍ରିମ୍‌କୋର୍ଟର ବିଚାର୍‌ପତିମାନେ ଉପସ୍ଥିତ୍ ଥିଲେ ।

ଜଷ୍ଟିସ୍ ଗବାଇ ୨୦୦୩ ମସିହା ନଭେମ୍ବର୍ ୧୪ ତାରିଖ୍ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାର୍‌ପତି ଭାବେ ପଦୋନ୍ନତି ପାଇଥିଲେ । ୨୦୧୯ ମସିହାଥି ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଭାବେ ଦାୟିତ୍ୱ ନେଇଥିଲେ । ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଗଲାକାଏଲ୍ ପ୍ରଧାନ୍ ବିଚାର୍‌ପତି ପଦ୍‌ନୁ ଅବସର ନେଇଥିବାର୍‌ନୁ ଜଷ୍ଟିସ୍ ଗବାଇ ଆଏଜ୍ ଦାୟିତ୍ୱ ସମ୍ଭଲେଇଛନ୍ ।

ୟୁପିଏସ୍‌ସି ଅଧ୍ୟକ୍ଷ ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ -ଆଘର୍ ପ୍ରତିରକ୍ଷା ସଚିବ ଅଜୟ କୁମାରଙ୍କୁ କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁପିଏସ୍‌ସିର୍ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ । କାର୍ମିକ୍ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଶ୍ରୀ କୁମାର ଦାୟିତ୍ୱ ନେବାର୍ ଦିନୁ ହିଁ

ତାଙ୍କର କାର୍ଯ୍ୟକାଲ୍ ମୁଲ୍ ହେବା । ୧୯୮୫ ବେଚ୍ ଅବସରପ୍ରାପ୍ତ କେରଲ୍ କେଡର୍ ପ୍ରଶାସନିକ୍ ଅଧିକାରୀ ଶ୍ରୀ କୁମାର ଅଗଷ୍ଟ ୨୦୧୯ନୁ ଅକ୍ଟୋବର ୨୦୨୨ ତକ୍ ପ୍ରତିରକ୍ଷା ସଚିବ ଭାବେ ଦାୟିତ୍ୱ ତୁଲେଇଛନ୍ ।

ସେମି କଣ୍ଡକ୍ଟର୍ ୟୁନିଟ-କେନ୍ଦ୍ର କେବିନେଟ ପି.ଆଇ.ବି.

ଉତରପ୍ରଦେଶ୍ ନ ଦେଶର୍ ୬ ନମ୍ବର୍ ସେମି କଣ୍ଡକ୍ଟର୍ ୟୁନିଟ୍ ଥାପ୍‌ନା କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ମଞ୍ଜୁରୀ ମିଲିଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ଏଚ୍.ସି.ଏଲ୍. ଆଉ ଫକ୍ସକନକର କମ୍ପାନୀର୍ ମିଲିତ୍ ଉଦ୍ୟମ୍‌ଥି ହେବାର୍‌କେ ଥିବା ଇ ନୂଆଁ ୟୁନିଟ୍ ୩ ହଜାର୍ ୭ ଶହ କୋଟି ଟଙ୍କା ପୁଞ୍ଜିନିବେଶ୍ ଆନ୍‌ବା ।

ରାଜ୍ୟ କେବିନେଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ବେଲ୍‌ବୁଢ଼େ ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍

ହେଇଯାଇଛେ । ଲୋକ୍‌ସେବା ଭବନ୍ ନ ହେଇଥିବା ଇ ବୈଠକ୍‌ଥି ଅନୁସୂଚିତ ଜାତି, ଜନଜାତି ଆଉ ପଛୁଆ ବର୍ଗର୍ ଉନ୍ନୟନ୍ ବିଭାଗ୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ୬ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଥିବା ଜନାପଡ଼ିଛେ । ଆଉ କିଛି ସମିଆ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକ୍ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେବେ ବଲି ଜନାପଡ଼ିଛେ ।

ନକ୍ସଲ୍ ନିହତ ଏକ୍ସ/ପି.ଆଇ.ବି.

ଛତିଶ୍‌ଗଡ୍- ତେଲେଙ୍ଗାନା ସୀମ୍‌ନା କୁର୍‌ଗୁଟ୍ଟାଲୁ ପାହାଡ୍ ଇଲାକା ନ ଆଏଜ୍ ସୁରକ୍ଷା ବାହିନୀ ଆଉ ନକ୍ସଲ୍‌ବାଦୀଙ୍କର୍ ଗୁଲି ମରାମରିଥି ୩୧ ଝନ୍ ନକ୍ସଲ୍‌ଙ୍କର୍ ଜୀବନ୍ ଯାଇଛେ । ବହୁତ୍ ବଛର୍ ହେଲା ଇ ଘାଟି ଇଲାକା ପି.ଏଲ୍.ଜି.ଏ. ବାଟାଲିୟନ୍, ଡି.କେ.ଏସ୍.ଜେଡ୍.ସି., ଟି.ଏସ୍.ସି. ଆର୍ ସି.ଆର୍.ସି. ବାଗିର୍ ବଡ଼ ବଡ଼ ନକ୍ସଲ୍‌ବାଦୀ ସଂଗଠନ୍ ମାନ୍‌କର୍ ଗଡ଼ ସାଜିଥିଲା । ୨୦୨୬ ମସିହା ୩୧ ମାର୍ଚ୍ଚ ତକ୍ ଭାରତ୍‌କେ ନକ୍ସଲ୍‌ମୁକ୍ତ କର୍‌ବାର୍ ଲକ୍ଷ୍ୟ ନେଇକରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫୁ ମୁଲ୍ ହେଇଥିବା ଅଭିଯାନ୍‌ଥି ଗଲା ୨୧ ଦିନ୍ ହେଲା କୁର୍‌ଗୁଟ୍ଟାଲୁ ପାହାଡ୍ ନ ସୁରକ୍ଷା ବାହିନୀର୍ ଜବାନ୍ ମାନେ ଅପରେସନ୍ ଚଲେଇଥିଲେ ।

ଆଏଜ୍ ପୁରା ଇଲାକାନୁ ନକ୍ସଲ୍ମାନ୍କର୍ ସଫେଇ କରାଯାଇଛେ ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସାମାଜିକ୍ ଗଣମାଧ୍ୟମ୍ଥି ସୂଚ୍ନା ଦେଇଛନ୍ ।

ଇ.ଭି. ଚାର୍ଜିଂ କେନ୍ଦ୍ର I&PR

ରାଜ୍ୟ ସର୍କାର୍ ବିଦ୍ୟୁତ୍ ଚାଲିତ ଗାଡ଼ି- ଇ.ଭି. ଚାର୍ଜିଂ କେନ୍ଦ୍ର ଥାପ୍ନା ଆଉ ସୌରଚାଲିତ୍ ବିଦ୍ୟୁତ୍ ଉତ୍ପାଦନ୍ ଲାଗି ରାଏଜେ ଭିତିଭୂମି ବର୍ କସ୍ କର୍ବାର୍କେ ପଦକ୍ଷେପ୍ ନେଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଇଥିର୍ଲାଗି ଖୋବ୍ ଜଲଦି ରାଜ୍ୟ ସର୍କାର୍ ଇ.ଭି. ନୀତି ଆନ୍ବାର୍କେ ଯାଉଛନ୍ ବଲି ସେ କହିଛନ୍ । ରାଏଜେ ସୌରଚାଲିତ୍ ବିଦ୍ୟୁତ୍ ଉତ୍ପାଦନ୍ ଆଉ ଇ.ଭି. କେନ୍ଦ୍ର ତିଆରି ବାବ୍ଦେ ଆଏଜ୍ ଉପମୁଖ୍ୟମନ୍ତ୍ରୀଙ୍କର୍ ଉପସ୍ଥିତିଥି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ସର୍ଭୋଟେକ୍ ସଂସ୍ଥା ଇ ବାବଦ୍ ତଥ୍ୟ ଉପସ୍ଥାପନ୍ କରିଥିଲା ।

ଆୟୁର୍ବେଦ୍ ଦିବସ୍ ଏନ୍ଏସ୍ଡି

କେନ୍ଦ୍ର ସରକାର ସେପ୍ଟେମ୍ବର ୨୩କେ ଆୟୁର୍ବେଦ ଦିବସ୍ ଭାବେ ଘୋଷଣା କରିଛନ୍। ଆୟୁଷ ମନ୍ତ୍ରଣାଳୟର୍ ବିଜ୍ଞପ୍ତି ଅନ୍‌ସାରେ, ଫି ବଛର୍ ହିନ୍ଦୁ ପରବ୍ ଧନ୍‌ତିରସ୍ ଦିନେ ଆୟୁର୍ବେଦ୍ ଦିବସ୍ ପାଳନ୍ କରାଯାଉଥିଲା। ମାତର୍‌କ କେନ୍‌ସି ତାରିଖ୍ ଧାରିଜ୍ ନାଇଁ ହେଇଥାଇ, ଯେନ୍‌ଥିର୍ ଲାଗି ଫି ବଛର୍ ଅକ୍ଟୋବର ୧୫ନୁ ନଭେମ୍ବର ୧୨ ତାରିଖ୍‌ତକ୍ ଆୟୁର୍ବେଦ୍ ଦିବସ୍ ପାଳନ୍ ହେସି। ଇଟାକେ ନଜର୍‌ଥି ରଖିକରି ଫି ବଛର୍ ଗୁଟେ ତାରିଖ୍ ସେପ୍ଟେମ୍ବର ୨୩କେ ଆୟୁର୍ବେଦ୍ ଦିବସ୍ ଭାବେ ମନ୍ତ୍ରଣାଳୟ ତର୍‌ଫୁ ଘୋଷଣା କରାଯାଇଛେ।

ତ୍ରିରଙ୍ଗା ଯାତ୍ରା        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଜାତି, ଧର୍ମ ନିର୍ବିଶେଷଥି ସବୁ ଭାରତୀୟ ତ୍ରିରଙ୍ଗା ତଲେ ଯେତେବେଲେ ଏକ୍‌ଜୁଟ୍ ହେସନ୍ ସେତେବେଲେ କେନ୍‌ସି ଶକ୍ତି ଆମର୍ ବିରୋଧିଥି ସଫଲ୍ ନାଇଁ ହେଇପାରନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍। ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସଖାଲେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାକେ ଶୁଭାରମ୍ଭ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ଅପରେସନ୍ ସିନ୍ଦୁର୍‌ର ସଫଲତା ଉତ୍‌ରୁ ଆଝିରର୍ ଇ ତ୍ରିରଙ୍ଗା ବାଇକ୍ ଯାତ୍ରା ଦେଶର୍ ଆତଙ୍କବାଦ୍ ବିରୋଧୀ ଅଭିଯାନ୍‌କେ ଆହୁରି ବର୍‌କସ୍ କର୍‌ବା। ତ୍ରିରଙ୍ଗାର୍ ତିନ୍‌ହି ରଙ୍ଗ୍ ଆମ୍‌କୁ ଶ୍ରଦ୍ଧା ଆଉ ସୌହାର୍ଦ୍ଦ୍ୟର୍

ଆଦର୍ଶଥି ଅନୁପ୍ରାଣିତ୍ କର୍‌ସି । ଜାତୀୟ ପାତାକା ଆମର୍ ସଂକଳ୍ପ, ସଂଘର୍ଷ ବଳିଦାନ୍ ଆଉ ତ୍ୟାଗର ପ୍ରେରଣାଦାୟୀ ମୁକସାଖୀ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ତ୍ରିରଙ୍ଗା ବାଇକ୍ ଯାତ୍ରାଥି ପୁଲିସ୍ ବାହିନୀ, ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଆର୍ ସାଧାରଣ ଲୁକେ ସାମିଲ୍ ହେଇଥିଲେ । କାର୍ଯ୍ୟକ୍ରମ୍‌ଥି ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀମାନେ ଯୋଗ୍ ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଅପରେସନ୍ ସିନ୍ଦୁର୍‌ର ସଫଲତା ଉତ୍‌ରୁ ଭାରତୀୟ ଜନତା ପାର୍ଟି ତର୍‌ଫୁ ଗଲାକାଏଲ୍‌ଠାନୁ ୧୧ ଦିନିଆ ତ୍ରିରଙ୍ଗା ଯାତ୍ରା ମୁଲ୍ ହେଇଛେ । ଭାରତୀୟ ସଶସ୍ତ୍ର ବାହିନୀର୍ ପାକିସ୍ତାନ୍ ବିରୋଧିଥି ସଫଲ୍ କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ଲୁକ୍‌କୁ ଜନାବାର୍ ଇ ଅଭିଯାନ୍‌ର ଉଦ୍ଦେଶ୍ ଆଏ ।

ତ୍ରିରଙ୍ଗା ଯାତ୍ରା-୧ ସମ୍ବଲପୁର/ବୌଦ୍ଧ ସମ୍ବାଦଦାତା

ଭାରତୀୟ ସୈନିକ୍‌ମାନଙ୍କର ତ୍ୟାଗ୍ ଆଉ ବଲିଦାନ୍‌କେ ସମ୍ମାନ୍ ଜନେଇକରି ଆଏବାକାଏଲ୍ ସମ୍ବଲପୁର ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ବାଇକ୍ ଶୋଭାଯାତ୍ରାର ଆୟୋଜନ୍

କରାଯାଇଛେ । ଶୋଭାଯାତ୍ରା ନେଲ୍ସନ ମଣ୍ଡେଲା ଛକ୍ଠାନୁ ବାହାରିକରି ସମଲେଇ ମନ୍ଦିର୍ତକ୍ ଯିବା ।  ଇ ଅବ୍ସରେ ଯବାନମାନଙ୍କର ପରାକ୍ରମ୍ ବାବ୍ଦେ ଲୁକ୍କୁ ଜନାଯିବା ।

ସେଆଡ଼େ ବୌଦ୍ଧ ଜିଲ୍ଲା ନ ଭିଲ୍ ଆଏବା କାଏଲ୍ ତ୍ରିରଙ୍ଗା ବାଇକ୍ ରେଲି ଆୟୋଜନ୍ କରାଯିବା । ଆଏବା କାଏଲ୍ ସଖାଲର୍ ୮ ବଜେ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଲୟନୁ ବାଇକ୍ ଶୋଭାଯାତ୍ରା ବାହାରିକରି ସହର୍ ପରିକ୍ରମା କର୍ବା । ଇଥିର୍ଲାଗି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ପାକିସ୍ତାନ୍ ନୁ ଫିର୍ଲେ ଯବାନ୍       ଏନ୍ଏସ୍ଡି

ବିଏସ୍ଏଫ୍ ଯବାନ ପୂର୍ଣ୍ଣମ୍ କୁମାର ଶ’ଙ୍କୁ ୨୨ ଦିନ୍ ବନ୍ଦୀ କଲା ଉତ୍ରୁ ଆଏଜ୍ ଛାଡ଼୍ଲା ପାକିସ୍ତାନ ସେନା । ଏପ୍ରିଲ ୨୩ ତାରିଖ୍ ଦିନ ପୂର୍ଣ୍ଣମ ପଞ୍ଜାବ୍ର ଫିରୋଜ୍ପୁର ଠାନେ ସେ ଭୁଲ୍ଥି ଅନ୍ତର୍ଜାତୀୟ ସୀମାରେଖା ପାର୍ କରି ଦେଇଥିଲେ । ସେହିଦନୁ ହିଁ ପାକିସ୍ତାନ ରେଞ୍ଜର୍ମାନେ ତାଙ୍କୁ ବନ୍ଦୀ କରି କରି ରଖିଥିଲେ । ନିୟମ୍ ଅନ୍ସାରେ ଆଏଜ୍ ତାଙ୍କୁ

ଭାରତ୍‌କେ ହସ୍ତାନ୍ତର କରାଯାଇଛେ ବଲି ବିଏସ୍‌ଏଫ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓରେରା ଅଧ୍ୟକ୍ଷ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଅସିତ୍ କୁମାର୍ ମହାପାତ୍ରଙ୍କୁ ଓଡ଼ିଶା ରିୟଲ୍ ଇଷ୍ଟେଟ୍ ନିୟାମକ ପ୍ରାଧିକରଣ୍- ଓରେରା ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ । ଇତାର୍‌ସହେତେ ରାଜେନ୍ଦ୍ର ମିଶ୍ର ଆଉ ଶ୍ୟାମସୁନ୍ଦର୍ ଦାସ୍‌ଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦେଇଥିବାର୍ ନେଇକରି ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଆବାସ ପଞ୍ଜିକରଣ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାର୍ ପଞ୍ଜିକରଣ୍ ସମିଆ ଆଏବା କାଏଲ୍ ଶେଷ୍ ହେଉଛେ । ଇ ବାବ୍‌ଦେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍, ପଞ୍ଜିକରଣ୍ ତାରିଖ୍ ସର୍‌ଲା ଉତ୍‌ରୁ ବିଭାଗୀୟ ଅଧିକାରୀ ଆଉ କର୍ମଚାରୀମାନେ ଘର୍‌ଘର୍ ବୁଲିକରି ଯୋଗ୍ୟ ହିତାଧିକାରୀମାନ୍‌କର୍ ତାଲିକା ତିଆର୍ କର୍‌ବାର୍‌କେ ସର୍ଭେ

ମୁଲ୍ କର୍‌ବେ । ଏବ୍‌ତକ୍ ପାଖାପାଖି ୩୫ ଲାଖ୍ ଲୋକ୍ ଯୋଜ୍‌ନାଥି ପଞ୍ଜିକୃତ ହେଇଛନ୍ ବଲି ମନ୍ତ୍ରୀ ଶ୍ରୀ ନାଏକ୍ ସୂଚ୍‌ନା ଦେଇଛନ୍ ।

ସମ୍ବଲପୁର ଧାନ୍‌ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ନ ଆଏଜ୍ ଠାନୁ ଡାଲୁଆ ଧାନ୍ ଘିନା ମୁଲ୍ ହେଇଛେ । ଆଏଜ୍ ପହେଲା ଦିନ ସମ୍ବଲ୍‌ପୁର୍ ବରେଇପାଲି ମାର୍କେଟ୍ ୟାର୍ଡ଼ ନ ଜିଲ୍ଲା ପ୍ରଶାସନ୍, ଚାଷୀ, ଆଉ ମିଲର୍ସ ମାନ୍‌କର୍ ବୈଠକ୍ ଉତ୍‌ରୁ ଡାଲୁଆ ଧାନ୍ ଘିନା ଲାଗି ମଣ୍ଡି ଶୁଭାରମ୍ଭ କରାଯାଇଛେ । ଇ ବଛର୍ ୫୮ ଟା ମଣ୍ଡି ନ ଧାନ୍ ଘିନା ଯିବା । କଟ୍‌ନୀ ଛଟ୍‌ନୀ ନାଇଁ କର୍‌ବାର୍ ଲାଗି ଚାଷୀ ସଂଗଠନ୍ ମାନେ ଯୋଗାଣ ବିଭାଗ୍ ପାଖେ ଦାବି କରିଛନ୍ ।

ସେଆଡ଼େ ବର୍‌ଗଡ଼୍ ଜିଲ୍ଲାର୍ ଭିନ୍ ଭିନ୍ ମଣ୍ଡି ମାନ୍‌କେ ଆଏଜ୍ ଧାନ୍ ଘିନା ମୁଲ୍ ହେଇଛେ । ବର୍‌ଗଡ଼୍ ଗୋରୁ ବଜାର୍ ଠାନେ ନିୟନ୍ତ୍ରିତ ବଜାର୍ କମିଟି ତର୍‌ଫୁ ଆୟୋଜିତ ଗୁଟେ କାର୍ଯ୍ୟକ୍ରମ୍‌ଥି ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଧାନ୍ ଘିନା ପ୍ରକ୍ରିୟାର୍ ଶୁଭାରମ୍ଭ କରିଛନ୍ । ସେନ୍ତା ଅତାବିରା ନିୟନ୍ତ୍ରିତ ବଜାର୍ କମିଟି ଅଧୀନ୍ ଅତାବିରା ଆଉ ଗୋଡ଼ଭଗା ମଣ୍ଡି ନ ଭଟ୍‌ଲି

ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ ଧାନ୍ ଘିନା ପ୍ରକ୍ରିୟା ମୁଲ୍ କରିଛନ୍ । ପଦମ୍ପୁର୍ କେଉଁଟିପାଲି ଆର୍ ଅର୍ଦ୍ଧା ମଣ୍ଡିକେ ବିଜେପୁର୍ ବିଧାୟକ୍ ସନତ୍ କୁମାର୍ ଗଡ଼୍ତିଆ ଉଦ୍‌ଘାଟନ୍ କରିଛନ୍ ।

ଚାଷୀ ସଚେତନତା ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କୁମେର୍‌କେଲି ଗାଁ ନ ଆର୍‌ଏମ୍‌ସି ତର୍‌ଫୁ ଗୁଟେ ସଚେତନତା ଶିବିର୍ ହେଇଯାଇଛେ । ଇଥି ଡିଜିଟାଲ୍ ଜରିଏ କେନ୍ତାକରି ଚାଷୀ ଦରବ୍ ବିକ୍ରି କରାଯାଇପାର୍‌ବା ସେ ବାବ୍‌ଦେ ବିଶେଷଜ୍ଞମାନେ ବୁଝେଇଥିଲେ । ଚାଷୀମାନ୍‌କର୍ ଲାଗି ଥିବା ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନା ମାନ୍‌କର୍ ବାବ୍‌ଦେ ବୁଝାବାର୍ ସହେତେ ଆଏବାଦିନେ ତାର୍ ଉପଯୋଗ୍ ବାବ୍‌ଦେ ଚାଷୀମାନ୍‌କୁ ବୁଝେଇଥିଲେ ।

ପାଣିପାଗ/ମୌସୁମୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାକାଏଲ୍ ଆଣ୍ଡାମାନ୍ - ନିକୋବର୍ ଦ୍ୱୀପପୁଞ୍ଜର୍ କେତେଟା ଜାଗାକେ ପୁହୁଁଚିଛେ ।

ଭାରତୀୟ ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ ମୌସୁମୀ ବାୟୁ ଆଏବା ୨୭ ତାରିଖ୍‌ତକ୍ କେରଳ ପୁହୁଁଚିପାରେ ଆଉ ଜୁନ୍ ମାସର୍ ପହେଲା ହପ୍ତାଥି ଓଡ଼ିଶା ପୁହୁଁଚିବାର୍ ସମ୍ଭାବନା ରହିଛେ ।

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଧୁକାଗର୍ଡ଼ି ସହେତେ ଘଡ଼୍‌ଘଡ଼ି ଆର ବର୍ଷା ହେଇପାରେ । ନବରଙ୍ଗ୍‌ପୁର୍, କୋରାପୁର୍, ମାଲ୍‌କାନ୍‌ଗିରି, ରାୟଗଡ଼ା, ଗଜପତି ଆର୍ ଗଞ୍ଜାମ୍ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଜବର୍ ଧୁକାଗର୍ଡ଼ି ଆର୍ ବର୍ଷା ଲାଗି ସତର୍କ ସୂଚ୍ନା ଜାରି କରାଯାଇଛେ ।